# ଭୁବନେଶ୍ୱରରେ ମଣି ତିରୁମାଲାର ବାସଗୃହ ଯୋଜନା

ଭୁବନଶ୍ୱେର : ମଣିତିରୁମାଲା ନାମରେ ୧.୨ ନିୟୁତ ସ୍କୁଏରଫୁଟର ବାସଗୃହ ଯୋଜନା ଭୁବନେଶ୍ୱର ନନ୍ଦନକାନନ ରାସ୍ତାରେ ମଣିଗ୍ରୁପ ଦ୍ୱାରା ଲୋକାର୍ପିତ ହୋଇଛି। ୧୪ ମହଲା ବିଶିଷ୍ଟ ୧୧ଟି ଟାୱାରରେ ବିଭାଜିତ ଏହି ବିଶାଳ ଆବାସିକ ବହୁତଳ ବିଶିଷ୍ଟ ଅଟ୍ଟାଳିକା ସମୁହର ସୁଖ ସ୍ୱାଚ୍ଛନ୍ଦ୍ୟ ଜୀବନ ପାଇଁ ପ୍ରସ୍ତୁତ କରାଯାଇଛି। ଏହାର ଅବସ୍ଥିତି ସଂପୂର୍ଣ୍ଣ ସହର ସହିତ ସଂଯୁକ୍ତ। ଦୋକାନ ବଜାର ସମୁହ ଯଥା ପଟିଆସ୍ଥିତ ବିଗ୍ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ, ଶିକ୍ଷାନୁଷ୍ଠାନ ତଥା ବିକାଶମୁଖୀ ସୂଚନା ପ୍ରଯୁକ୍ତି ବିଦ୍ୟାର ପେଣ୍ଠସ୍ଥଳୀରେ ଏହା ଅବସ୍ଥିତ। ଏହି



ମଣି ତିରୁମଲା ଆବାସିକ ବହୁତଳ ବିଶିଷ୍ଟ ଅଟ୍ଟାଳିକା ୭୫ଭାଗ ସବୁଜ ଖାଲିସ୍ଥାନ ସହ ଦେଇପାରିବ ଆଧୁନିକ ଯୁଗର ସବୁ ସୁବିଧା ସୁଯୋଗର ଉପକରଣ। ଏହିଠାରେ ପ୍ରତ୍ୟେକଟି ଦିନକୁ ଆପଣ ଉପଭୋଗ କରିପାରିବେ। ସବୁଠାରୁ ଭଲ ଭିତ୍ତିଭୂମି ୮୦ଭାଗ ଫ୍ଲାଟ ପାଇଁ ତିନି ଦିଗରେ ଖୋଲାସ୍ଥାନ, ପାଣି ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର ପାର୍କିଂ ବ୍ୟବସ୍ଥା। ଉଚ୍ଚମାନର ସୁରକ୍ଷା ବ୍ୟବସ୍ଥା, ନିଆଁ ଏବଂ ଭୂମିକମ୍ପ ସୁରକ୍ଷା ସହ ପ୍ରତିଘରର ଚାକର ମାନଙ୍କ ପାଇଁ ରହିବା ବ୍ୟବସ୍ଥା କରାଯାଇଛି। ବିଶେଷ ସୁବିଧା ଭିତରେ ଖେଳଗୃହ, ଷ୍ଟିମ୍ ବାଥ୍ ବ୍ୟବସ୍ଥା ସହ ସ୍ପା, ସୁଇମିଂପୁଲ୍, ଧ୍ୟାନଗୃହ, ଜିମ୍, ପ୍ରତିକ୍ଷାଳୟ ସ୍ଥାନ, କଫି ସପ୍ ପ୍ରଭୃତି ରହିଛି। ଏତଦ୍‌ବ୍ୟତୀତ କମ୍ପ୍ଲେକ୍ସ ମଧ୍ୟରେ ପିଲାମାନଙ୍କ ଅଲଗା ସ୍ଥାନ ରହିଛି। ଉତ୍ତମ ମାନରେ ବିଶ୍ୱାସ ରଖୁଥିବା ଲୋକମାନଙ୍କ ପାଇଁ ପ୍ରପୋର୍ଟି ପ୍ରସ୍ତୁତ କରିବା ଏକମାତ୍ର ବିଶ୍ୱାସ ବୋଲି ମଣି ଗ୍ରୁପର ପ୍ରତିଷ୍ଠାତା ତଥା ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ସଞ୍ଜୟ ଝୁନ୍‌ଝୁନ୍‌ୱାଲା କହିଛନ୍ତି। ଗତ ତିନି ଦଶନ୍ଧିରେ ପୂର୍ବ ଭାରତରେ ଏହି ଗ୍ରୁପ୍ ରିୟଲ ଇଷ୍ଟେଟ୍ ବ୍ୟବସାୟରେ ୫୦ଟି ସ୍ଥାନରେ ୫ନିୟୁତ ସ୍କୁଏରଫୁଟର ଆବାସିକ ଏବଂ ବ୍ୟବସାୟିକ ସଂସ୍ଥା ନିର୍ମାଣ କରିସାରିଛି। ଏହି ଗ୍ରୁପ୍ ହୋଟେଲ୍, ରିଟେଲ, ଆଇଟି ଶିକ୍ଷା, ତଥା ଶକ୍ତି କ୍ଷେତ୍ରକୁ ଆଇ ନିଜ କାର୍ଯ୍ୟକ୍ଷେତ୍ର ବିସ୍ତାର କରିଛି। ଏତଦ୍ ବ୍ୟତୀତ କଲିକତା, ଦୁର୍ଗାପୁର, ଜୟପୁର ଭୁବନେଶ୍ୱର ଓ ସିଲିଗୁଡ଼ିଠାରେ ୧୧.୨୬ ନିୟୁତ ବର୍ଗଫୁଟର ନିର୍ମାଣ କାର୍ଯ୍ୟ ହାତକୁ ନେଇଛି। ଏହା ସହିତ କଲିକତାର ଇଏମ୍ ବାଇପାସ୍‌ଠାରେ ତଥା ସିଲିଗୁଡ଼ିଠାରେ ୧୦୦ କଠୋରୀ ବିଶିଷ୍ଟ କୋଟ୍‌ୟାର୍ଡ ନିର୍ମାଣ କରିବ ବୋଲି ଯୋଜନା କରିଛି।